## ୨୦ ଅକ୍ଟୋବର ୨୦୨୩ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ – ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼

ବଦର୍ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀ ଓ ଐତିହାସିକ ଘଟଣାବଳୀର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା । ମଧ୍ୟପ୍ରାଚ୍ୟ ଦେଶରେ ଉପୁଜି ଥିବା ଯୁଦ୍ଧର ଗମ୍ଭୀର ପରିସ୍ଥିତି ଦାଉରୁ ନିସ୍ତାର ପାଇବା ନିମନ୍ତେ ବିଶେଷ ଦୁଆର ଆହ୍ୱାନ ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍‌ହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ୱ ଇୟ୍ୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନୱର ଅ.ବ କହିଲେ; ଆଜି ମଧ୍ୟ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନର କେତେକ ଘଟଣା ଯାହାକି ବଦର ଯୁଦ୍ଧ ଅବସରରେ ଅଥବା ବଦର୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଘଟିଥିଲା (ସେଗୁଡ଼ିକର) ଚର୍ଚ୍ଚା କରିବି । ଇତିହାସ ପୃଷ୍ଠାରେ ହଜୁର ସ.ଅଙ୍କର ଜାମାତା ଅବୁଲ୍ ଆସ୍‌ଙ୍କ ଇସଲାମ ଧର୍ମ ଗ୍ରହଣ କରିବା ପ୍ରସଙ୍ଗରେ ଉଲ୍ଲେଖ ରହିଛି ଯେ, ହଜୁର ସ.ଅ ୬ହିଜ୍‌ରୀର ଜମାଦି ଅୱଲ୍ ମାସରେ ଜୈଦ୍ ବିନ୍ ହାରସା ର.ଅଙ୍କ ନେତୃତ୍ୱରେ ୭୦ଜଣ ସାହାବାଙ୍କୁ ଅଐସ ଅଞ୍ଚଳ ଆଡ଼କୁ ଏକ ଅଭିଯାନରେ ପ୍ରେରଣ କରିଥିଲେ । ଅଐସ ମଦିନା ଠାରୁ ଚାରି ଦିନର ଯାତ୍ରା କରିବା ଦୂରତାରେ ଅବସ୍ଥିତ ଥିଲା । ଏହି ଦିନର ଯାତ୍ରା କରିବା ଦୂରତା ସମ୍ପର୍କରେ ଐତିହାସିକମାନେ କୁହନ୍ତି ଦିନକର ଦୂରତା ୧୨ମାଇଲ୍ ଅଟେ । ଏହି ଅନୁପାତରେ ଗଣନା କଲେ ଉକ୍ତ ଅଞ୍ଚଳର ଦୂରତା ମଦିନା ଠାରୁ ୪୮ମାଇଲ୍ ଥିଲା । ଉକ୍ତ ଅଭିଯାନର ସଂକ୍ଷିପ୍ତ ବ୍ୟାଖ୍ୟା ଏପରିକି ଉଲ୍ଲେଖ ରହିଛି ଯେ, ହଜୁର ସ.ଅଙ୍କୁ ସୂଚନା ମିଳିଲା କି ସିରିୟା ପ୍ରାନ୍ତରୁ କୁରୈଶ ମକ୍କାର ଏକ ଦଳ ମଦିନା ଆଡ଼କୁ ଅଗ୍ରସର ହେଉଅଛି । ଉକ୍ତ ବ୍ୟବସାୟୀ ଦଳର ସାମଗ୍ରୀ ପରିବହନ (ଆମଦାନି ଓ ରପ୍ତାନୀ) କରିବାର ଉଦ୍ଦେଶ୍ୟ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବା ଥିଲା । ସେ ଯାହା ହେଉ ଉକ୍ତ ବାଣିଜ୍ୟକ ଦଳକୁ ଅବରୁଦ୍ଧ କରି ମୁସଲମାନମାନେ ତାଙ୍କର ସମସ୍ତ ସାମଗ୍ରୀକୁ ଅଧିକୃତ କରି ନେଇଥିଲେ ଏବଂ କିଛି ଲୋକଙ୍କୁ କଏଦ ମଧ୍ୟ କରି ନେଇଥିଲେ । ଯେଉଁମାନଙ୍କ ମଧ୍ୟରେ ଅବୁଲ୍ ଆସ୍ ମଧ୍ୟ ସାମିଲ ଥିଲା ।

"ସିରତ୍ ଖାତମୁନ୍ ନବୀଇନ୍"ରେ ହଜରତ ମିର୍ଜା ବଶିର ଅହେମଦ ସାହେବ ର.ଅ ଉଲ୍ଲେଖ କରିଛନ୍ତି; ଅମିସ୍ ଯୁଦ୍ଧର କଏଦୀମାନଙ୍କ ମଧ୍ୟରେ ହଜୁର ସ.ଅଙ୍କର ଜାମାତା ଅବୁଲ୍ ଆସ୍ ମଧ୍ୟ ସାମିଲ ଥିଲେ ଯେ ହଜରତ ଖଦିଜାଃ ର.ଅଙ୍କ ନିକଟ ସମ୍ପର୍କୀୟ ମଧ୍ୟରୁ ଜଣେ ଥିଲେ ଏବଂ ସେପର୍ଯ୍ୟନ୍ତ ସୁଦ୍ଧା ଅମାନ୍ୟକାରୀ ଦଳରେ ଅନ୍ତର୍ଭୁକ୍ତ ଥିଲେ । ସେ କୌଣସି ପ୍ରକାରେ ନିଜ କଏଦ ହେବା କଥା ହଜରତ ଜୈନବ୍ ର.ଅଙ୍କୁ ସୂଚିତ କରିଦେଲେ । ଯେତେବେଳେ ହଜୁର ସ.ଅ ଓ ଆପଣଙ୍କ ସାହାବା ଫଜର ନମାଜ ପାଠ କରୁଥିଲେ ସେତେବେଳେ ହଜରତ ଜୈନବ୍ ଉଚ୍ଚ ସ୍ୱରରେ କହି ଉଠିଲେ, ହେ ମୁସଲମାନମାନେ ! ମୁଁ ଅବୁଲ୍ ଆସ୍‌ଙ୍କୁ ସୁରକ୍ଷା ପ୍ରଦାନ କରିଛି । ଆଉ ଯେତେବେଳେ ହଜୁର ସ.ଅ ନମାଜ ଶେଷ କରିନେଲେ, ଆପଣ କହିଲେ; ଜୈନବ୍ ଯାହା କହିଲେ ଆପଣମାନେ ଶୁଣି ନେଇଥିବେ । ଅଲ୍ଲାଃଙ୍କ ରାଣ ! ମୋତେ ଏକଥା ଜଣା ନଥିଲା । ବିଶ୍ୱାସକାରୀଙ୍କ ମଧ୍ୟରୁ ଯଦି କେହି କୌଣସି ଅବିଶ୍ୱାସକାରୀଙ୍କୁ ସୁରକ୍ଷା ପ୍ରଦାନ କରନ୍ତି ତେବେ ତାହାକୁ ସମ୍ମାନ ପ୍ରଦାନ କରିବା ଆପଣମାନଙ୍କ ଉପରେ ଅନିବାର୍ଯ୍ୟ । ସେଥିଅନ୍ତେ ଆପଣ ହଜରତ ଜୈନବ୍ ର.ଅଙ୍କୁ କହିଲେ; ଯାହାଙ୍କୁ ତୁମେ ସୁରକ୍ଷା ପ୍ରଦାନ କରିଛ ତାହାକୁ ଆମେ ମଧ୍ୟ ସୁରକ୍ଷା ପ୍ରଦାନ କରିଛୁ । ଅତଏବ ଅବୁଲ୍ ଆସ୍‌ଙ୍କର ପୁଞ୍ଜି ତାଙ୍କୁ ଫେରସ୍ତ କରିଦିଅ ଏଥି ସହିତ ହଜୁର ସ.ଅ ଜୈନବ୍‌ଙ୍କୁ ଅବୁଲ୍ ଆସ୍‌ଙ୍କର ସତ୍କାର କରିବାକୁ ନିର୍ଦ୍ଦେଶ

ଦେଲେ । କିନ୍ତୁ ତାଙ୍କୁ ଅବୁଲ୍ ଆସ୍‌ଙ୍କ ସହିତ ଏକାନ୍ତରେ ସାକ୍ଷାତ କରିବାକୁ ବାରଣ କଲେ । କିଛି ଦିନ ପରେ ଅବୁଲ୍ ଆସ୍ ମକ୍କା ଫେରି ନିଜ କାରବାରର (ଧାରକରଜ) ପରିଶୋଧ କରି ହଜୁର ସ.ଅଙ୍କ ନିକଟରେ ଉପସ୍ଥିତ ହେଲେ ଏବଂ ମୁସଲମାନ ହୋଇଗଲେ । ବସ୍ତୁତଃ ହଜୁରସ.ଅ ହଜରତ ଜୈନବ୍ ର.ଅଙ୍କର କୌଣସି ନୂତନ ନିକାଃ ନପଢ଼ାଇ ତାଙ୍କୁ ଅବୁଲ୍ ଆସ୍‌ଙ୍କ ନିକଟକୁ ପଠାଇ ଦେଲେ ।

**ଏଥିରୁ ପ୍ରମାଣିତ ହେଉଛି ଯେ, ଯଦି କୌଣସି ମହିଳା ନିଜ ସ୍ୱାମୀଙ୍କ ଧର୍ମପରିବର୍ତ୍ତନ କରିବା ଫଳରେ ତାଙ୍କ ଠାରୁ ଅଲଗା ହୋଇଯାଏ ତେବେ ସ୍ୱାମୀଙ୍କର ପୁନଃ ବିଶ୍ୱାସ ଆଣିବା ଦ୍ୱାରା ଆଉଥରେ ନିକାଃ କରିବାର ଆବଶ୍ୟକତା ନାହିଁ ।** ହଜରତ ଜୈନବ୍ର.ଅ ନିଜ ସ୍ୱାମୀଙ୍କର ଇସଲାମ ଧର୍ମ ଗ୍ରହଣ କରିବା ପରେ ଅଧିକ ସମୟ ଜୀବିତ ରହି ନଥିଲେ ଏବଂ ୮ ହିଜ୍‌ରୀରେ ସେ ଦେହ ତ୍ୟାଗ କରିଥିଲେ । ହଜରତ ଉମ୍ମେ ଅଏମନ୍, ହଜରତ ସୌଦା, ହଜରତ ଉମ୍ମେ ସଲ୍‌ମା ଏବଂ ହଜରତ ଉମ୍ମେ ଅତିୟା ହଜୁର ସ.ଅଙ୍କ ନିର୍ଦ୍ଦେଶକ୍ରମେ ହଜରତ ଜୈନବ୍‌ଙ୍କୁ ସ୍ନାନ ଦେଇଥିଲେ । ଯେତେବେଳେ କି ହଜୁରସ.ଅ ତାଙ୍କର ଜନାଯାଃ ପଢ଼ାଇ ଥିଲେ ଏବଂ ସ୍ୱୟଂ କବରରେ ଓହ୍ଲାଇ ତାଙ୍କର ପବିତ୍ର ମରଶରୀରକୁ କବର ଭିତରେ ରଖିଥିଲେ । ସେଥିଅନ୍ତେ ଅବୁଲ୍ ଆସ୍ ମଧ୍ୟ ଦୀର୍ଘ ଦିନ ଜୀବିତ ରହି ନଥିଲେ ବରଂ ୧୨ ହିଜ୍‌ରୀରେ ସେ ମଧ୍ୟ ଇହଧାମ ତ୍ୟାଗ କରିଥିଲେ ।

ସୱିକ୍ ଯୁଦ୍ଧ ୨ ହିଜ୍‌ରୀର ଜୁଲ୍ ହିଜ୍ଜା ମାସରେ ଘଟିଥିଲା । ଯାହାର ମୂଳ କାରଣ ଏହା ଥିଲା କି ଯେତେବେଳେ ଅମାନ୍ୟକାରୀମାନେ ପରାଜିତ ଓ ମ୍ରିୟମାଣ ଅବସ୍ଥାରେ ମକ୍କାରେ ପହଞ୍ଚିଲେ ସେତେବେଳେ ଅବୁସୁଫୟାନ୍ ନିଜ ଶରୀରରେ ତୈଳ ଲଗାଇବା ବର୍ଜନ କରିଦେଲା ଏବଂ ପ୍ରତିଜ୍ଞା କଲା ଯେପର୍ଯ୍ୟନ୍ତ ସେ ହଜୁରସ.ଅ ଓ ଆପଣଙ୍କ ସାହାବାମାନଙ୍କ ଠାରୁ ବଦର୍ ଯୁଦ୍ଧର ପ୍ରତିଶୋଧ ନେଇ ନାହିଁ ସେପର୍ଯ୍ୟନ୍ତ ସେ ସ୍ନାନ କରିବ ନାହିଁ । ଗୋଟିଏ ବର୍ଣ୍ଣନାନୁଯାୟୀ ଅବୁସୁଫୟାନ୍ ୨୦୦ଜଣ ଆରୋହଣକାରୀ ଆଉ ଏକ ବର୍ଣ୍ଣନାନୁଯାୟୀ ୪୦ଜଣ ଆରୋହଣକାରୀଙ୍କୁ ସାଥିରେ ନେଇ ନିଜ ପ୍ରତିଜ୍ଞା ପୂରଣ କରିବା ଉଦ୍ଦେଶ୍ୟରେ ମକ୍କାରୁ ବାହାରିଲା ଏବଂ ମଦିନାରେ ପହଞ୍ଚି ବନୁ ନଜୀର ଗୋଷ୍ଠୀ ଠାରୁ ସାହାଯ୍ୟ ଭିକ୍ଷା କଲା । ଏପରିକି ସେ ଇବନେ ଅଖତବ୍ ନିକଟକୁ ଗଲା ଯେ ତାହାକୁ ମନା କରିଦେଲା । ତତ୍‌ପଶ୍ଚାତ ସେ ସଲାମ୍ ବିନ୍ ମଶକମ୍ ନିକଟକୁ ଗଲା ଯେ ତାହାକୁ ମୁସଲମାନମାନଙ୍କର ଗୋପନୀୟତା ପ୍ରକାଶ କରିଦେଲା ଏବଂ ହଜୁର ସ.ଅଙ୍କର ନିତି ଦିନିଆ କର୍ମ ସମ୍ପର୍କରେ ଅବଗତ କରାଇଲା । ଅବୁସୁଫୟାନ୍ ମକ୍କାର କିଛି ଲୋକଙ୍କୁ ମଦିନା ଠାରୁ ତିନି ମାଇଲ୍ ଦୂରତାରେ ଥିବା ଏକ ଖଜୁରୀ ବଗିଚା ନିକଟକୁ ପ୍ରେରଣ କଲା । ସେମାନେ ସେଠାରେ ପହଞ୍ଚି ଉକ୍ତ ବଗିଚାକୁ ଜାଳି ଦେଲେ ଏବଂ ଜଣେ ମୁସଲମାନ ଅନ୍‌ସାରୀଙ୍କୁ ହତ୍ୟା ମଧ୍ୟ କରିଦେଲେ । ଅବୁସୁଫୟାନ୍ ଏହି ଗର୍ହିତ କାର୍ଯ୍ୟକୁ ନିଜର ସଫଳତା ମନେକରି ଏହାକୁ ନିଜ ପ୍ରତିଜ୍ଞା ପୂରଣ ହେବା ଦର୍ଶାଇ ଥିଲା । ସେଥିଅନ୍ତେ ସେ ମକ୍କା ପ୍ରତ୍ୟାବର୍ତ୍ତନ କରି ଯାଇଥିଲା । ଯେତେବେଳେ ହଜୁର ସ.ଅଙ୍କୁ ଏହାର ସୂଚନା ମିଳିଲା ଆପଣ ୨୦୦ଜଣ ସାହାବାଙ୍କୁ ସାଥିରେ ନେଇ ତାହା ପଛରେ ବାହାରିଲେ ଏବଂ କର୍‌କରାଃ ତୁଲ୍‌କଦର୍ ଠାରେ ପହଞ୍ଚିଲେ । ଅବୁସୁଫୟାନ୍ ଓ ତାହାର ସାଥି ପଳାୟନ କରିବା ଅବସ୍ଥାରେ ଛତୁଆର ଥଳି ଫିଙ୍ଗି ଚାଲିଲେ ଏବଂ ମୁସଲମାନମାନେ ସେଗୁଡ଼ିକୁ ଠୁଳ କରି ନେଇଥିଲେ । ଏଥି ସକାଶେ ଉକ୍ତ ଅଭିଯାନର ନାମ ସୱିକ୍ ଅର୍ଥାତ ଛତୁଆ ଯୁଦ୍ଧ ପଡ଼ିଗଲା । ଶେଷରେ ଅବୁସୁଫୟାନ୍ ଓ ତାହାର ସାଥିମାନେ ପଳାୟନ କରିବାରେ ସଫଳ ହୋଇଥିଲେ । ବସ୍ତୁତଃ ହଜୁରସ.ଅ ସେଠାରୁ ମଦିନା ଫେରି ଆସିଥିଲେ ଏବଂ ସାହାବାମାନେ ପଚାରିବାରୁ ଆପଣ କହିଲେ; ଏହା ମଧ୍ୟ ଏକ ଯୁଦ୍ଧ ଥିଲା ।

"ସିରତ୍ ଖାତମୁନ୍ ନବୀଇନ୍"ରେ ହଜରତ ମିର୍ଜା ବଶିର ଅହେମଦ ସାହେବର.ଅ ପ୍ରଥମ ଇଦୁଲ୍ ଅଜହା ପ୍ରସଙ୍ଗରେ ଉଲ୍ଲେଖ କରିଛନ୍ତି; ସେହି ବର୍ଷ ଜିଲ୍ ହିଜ୍ଜା ମାସରରେ ଦ୍ୱିତୀୟ ଇଦ୍ ଅର୍ଥାତ ଇଦୁଲ୍ ଅଜହା ପାଳନ କରାଯାଇଥିଲା । ସେଥିଅନ୍ତେ ପ୍ରତ୍ୟେକ ବର୍ଷ ଜିଲ୍ ହିଜ୍ଜା ମାସର ୧୦ତାରିଖ ଦିନ ସମଗ୍ର ଇସଲାମୀ ଦେଶମାନଙ୍କରେ ଏହି ଇଦ୍ ପାଳିତ ହୋଇଥାଏ । ଉକ୍ତ ଇଦ୍ ଅବସରରେ ପ୍ରତ୍ୟେକ ସାମର୍ଥ୍ୟବାନ ମୁସଲମାନ ଉପରେ ଅନିବାର୍ଯ୍ୟ କି ସେ ପଶୁବଳୀ ଦେଇ ତାହାର ମାଂସ ନିଜ ସମ୍ପର୍କିୟ, ବନ୍ଧୁବାନ୍ଧବ, ପାଖ ପଡ଼ୋଶୀ ଓ ଅନ୍ୟାନ୍ୟ ଲୋକମାନଙ୍କ ମଧ୍ୟରେ ବଣ୍ଟନ କରିବା ସହିତ

ନିଜେ ମଧ୍ୟ ସେବନ କରନ୍ତୁ । ଅତଏବ ଇଦୁଲ୍ ଅଜ୍‌ହା ଦିନ ଏବଂ ତା'ପରବର୍ତ୍ତୀ ଦୁଇଦିନ ପର୍ଯ୍ୟନ୍ତ ମୁସଲମାନ ଦେଶମାନଙ୍କରେ ଲକ୍ଷଲକ୍ଷ ବରଂ କୋଟିକୋଟି ପଶୁ ଅଲ୍ଲାହ୍‌ଙ୍କ ମାର୍ଗରେ ବଳି ଦିଆ ଯାଇଥାଏ । ଏତଦ୍ ଦ୍ୱାରା ହଜରତ ଇବ୍ରାହିମ୍[ଅ.ସ], ହଜରତ ଇସମାଇଲ୍[ଅ.ସ] ଓ ହଜରତ ହାଜ୍‌ରା [ଅ.ସ]ଙ୍କର ସର୍ବଶ୍ରେଷ୍ଠ ବଳିଦାନକୁ ଜୀବିତ ରଖା ଯାଇଥାଏ । ଯାହାର ସର୍ବୋତ୍ତମ ଉଦାହରଣ ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ଜୀବନୀ ଅଟେ । ଏହା ପ୍ରତ୍ୟେକ ମୁସଲମାନକୁ ସଚେତନ କରାଯାଇଥାଏ ଯେ, **ସେ କଦାପି ନିଜ ମୁନିବ ଓ ସ୍ୱାମୀଙ୍କ ମାର୍ଗରେ ନିଜ ଧନ ଜୀବନ ଓ ନିଜର ପ୍ରତ୍ୟେକ ବସ୍ତୁ ଉତ୍ସର୍ଗ କରିବା ପାଇଁ ସର୍ବଦା ପ୍ରସ୍ତୁତ ରହିବା ଉଚିତ୍ ।** ଉକ୍ତ ଇଦ୍ ମଧ୍ୟ ଇଦୁଲ୍ ଫିତର୍ ପରି ଏକ ମହତପୂର୍ଣ୍ଣ ଇସଲାମୀୟ ଉପାସନା ଅର୍ଥାତ ହଜ୍ (ଉପାସନା) ସମ୍ପନ୍ନ କରିବା ପାଇଁ ପାଳନ କରାଯାଇଥାଏ ।

ହଜରତ ଫାତିମାହ୍ [ର.ଅ]ଙ୍କର ନିକାହ୍ ମଧ୍ୟ ୨ହିଜ୍‌ରୀରେ ସମ୍ପନ୍ନ ହୋଇଥିଲା । ହଜରତ ଅନସ୍[ର.ଅ] ବର୍ଣ୍ଣନା କରନ୍ତି; ହଜରତ ଅବୁବକର[ର.ଅ] ଓ ହଜରତ ଉମର[ର.ଅ] ମଧ୍ୟ ହଜରତ ଫାତିମାହ୍ [ର.ଅ]ଙ୍କ ସହିତ ବିବାହ କରିବା ନିମନ୍ତେ ହଜୁର [ସ.ଅ]ଙ୍କୁ ପ୍ରସ୍ତାବ ଦେଲେ । କିନ୍ତୁ ଏଥିରେ ହଜୁର[ସ.ଅ] ନିରବ ରହିଲେ ଏବଂ ତାଙ୍କୁ କୌଣସି ଉତ୍ତର ଦେଇ ନଥିଲେ । ହଜରତ ଅଲୀ[ର.ଅ] ବର୍ଣ୍ଣନା କରନ୍ତି; ମୁଁ ହଜୁର [ସ.ଅ]ଙ୍କ ସେବାରେ ଉପସ୍ଥିତ ହେଲି ଏବଂ ନିବେଦନ କଲି ହଜୁର ହଜରତ ଫାତିମାହ୍ [ର.ଅ]ଙ୍କ ବିବାହ ମୋ ସହିତ କରିବେ ? ହଜୁର[ସ.ଅ] ମୋତେ ପଚାରିଲେ କ'ଣ ତୁମ ନିକଟରେ ମହେର୍ ଦେବା ପାଇଁ କିଛି (ଅର୍ଥ) ଅଛି ? ମୁଁ ଉତ୍ତର ଦେଲି ମୋ ନିକଟରେ କେବଳ ଗୋଟିଏ ଘୋଡ଼ା ଓ ଯୁଦ୍ଧ କବଚ ଅଛି । ଆପଣ[ସ.ଅ] କହିଲେ; ଘୋଡ଼ା ଥାଉ କାରଣ ଏହା ତୁମ ପାଇଁ ଆବଶ୍ୟକ କିନ୍ତୁ କବଚକୁ ବିକ୍ରି କରିଦିଅ । ଅତଏବ ମୁଁ ୪୮୦ ଦିର୍‌ହମ୍‌ରେ ନିଜ କବଚ ବିକ୍ରି କରି ମହେର୍ (ରାଶି)ର ବନ୍ଦୋବସ୍ତ କଲି । ଆପଣ[ସ.ଅ] ଉକ୍ତ ରାଶିରୁ ମୁଠାଏ ହଜରତ ବିଲାଲ୍ [ର.ଅ]ଙ୍କୁ ପ୍ରଦାନ କରି ନିର୍ଦ୍ଦେଶ ଦେଲେ; ଏଥିରେ କିଛି ସୁଗନ୍ଧ କିଣି ଆଣ ଏବଂ ଆଉ କିଛି ଲୋକଙ୍କୁ କହିଲେ; ହଜରତ ଫାତିମାହ୍‌ଙ୍କ ପାଇଁ ଯୌତୁକର ପ୍ରବନ୍ଧ କର । ବସ୍ତୁତଃ ହଜରତ ଫାତିମାହ୍‌ଙ୍କ ପାଇଁ ଏକ ପଲଙ୍କ, ଚମଡ଼ାରେ ପ୍ରସ୍ତୁତ ଏକ ତକିଆ ଯେଉଁଥିରେ ଖଜୁରୀ ପତ୍ର ଭରା ଯାଇଥିଲା, ଘେନି ଆଣିଲେ ।

ଆଉ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି, ହଜୁର[ସ.ଅ] ହଜରତ ଅଲୀ [ର.ଅ]ଙ୍କ ସହିତ ନିଜ କନ୍ୟାଙ୍କ ବନ୍ଧୁଘର କରିବା ସମୟରେ କହିଲେ; ମୋ ପାଳନକର୍ତ୍ତା ମୋତେ ଏପରି କରିବାକୁ ଆଦେଶ ଦେଇଛନ୍ତି । ନିଜ କନ୍ୟାକୁ ବିଦାୟ ଦେବା ଅବସରରେ ହଜୁର[ସ.ଅ] ଏକ ପାତ୍ରରେ ଓଜୁ କରି ସେହି ଜଳକୁ ହଜରତ ଅଲୀ ଓ ହଜରତ ଫାତିମାହ୍ [ର.ଅ]ଙ୍କ ଉପରକୁ ଏହି ଶବ୍ଦ ଉଚ୍ଚାରଣ କରି ଛିଞ୍ଚି ଦେଲେ । ଅଲ୍ଲାହୁମ୍ମା ବାରିକ୍ ଫିହିମା ଓବାରିକ୍ ଆଲୈହିମା ଓବାରିକ୍ ଲହୁମା ନସ୍‌ଲହୁମା ଅର୍ଥାତ ହେ ପ୍ରଭୁ ! ତୁମ୍ଭେ ଏହି ଦୁଇଙ୍କ ପାରସ୍ପରିକ ସମ୍ପର୍କକୁ ଆଶିଷ ପ୍ରଦାନ କର ଓ ସେମାନଙ୍କ ସମ୍ପର୍କକୁ କଲ୍ୟାଣମୟ କରିଦିଅ ଯାହାକି ଅନ୍ୟମାନଙ୍କ ସହିତ ସ୍ଥାପନ ହେବ ଏବଂ ତାଙ୍କ କୁଳରେ ବରକତ୍ ରଖିଦିଅ । **ଏହି ଦୁଆ ନବ ବିବାହିତା ଦମ୍ପତିଙ୍କ ପାଇଁ ସେମାନଙ୍କ ପିତାମାତାଙ୍କୁ କରିବା ଉଚିତ୍ ।** ଆଜିକାଲି ସାଂସାରିକ ଅଭିଳାଷକୁ (ପ୍ରାଥମିକତା ଦେବା) ଯୋଗୁଁ ଅନେକ ଦମ୍ପତିଙ୍କ ମଧ୍ୟରେ ସମସ୍ୟା ଉପୁଯୁଛି ଏବଂ ଦିନ ପ୍ରତିଦିନ ଏହି ବିଭ୍ରାଟରେ ଅଭିବୃଦ୍ଧି ଘଟିବା ସହିତ ତାହା ଜଟିଳତର ହୋଇ ଚାଲିଛି । ଯଦି ଧର୍ମକୁ ପ୍ରାର୍ଥମିକତା ଦିଆଯାଏ ଏବଂ ଏପରି ଦୁଆ କରାଯାଏ ତଥା ପିତାମାତା ମଧ୍ୟ ନିଜ ଭୂମିକା ସଠିକ୍ ରୂପେ ନିର୍ବାହ କରନ୍ତି ତେବେ ଏପରି ସମସ୍ୟା କଦାପି ଉପୁଜିବ ନାହିଁ ।

ତେବେ ହଜରତ ଫାତିମାହ୍ [ର.ଅ]ଙ୍କ ବିବାହ ଅନ୍ତେ ଜଣେ ନିଷ୍ପାପର ସାହାବୀ ହଜରତ ହାରସା ବିନ୍ ନୁମାନ୍ ଅନସାରୀ[ର.ଅ] ନିଜ ଘର ଖାଲି କରିବା ସହିତ ଜୋର କରି ଏହି ନବ ଦମ୍ପତିଙ୍କୁ ଉକ୍ତ ଗୃହଟି (ଭେଟି ସ୍ୱରୂପ) ପ୍ରଦାନ କରିଦେଲେ । ହଜରତ ଫାତିମାହ୍ ଚକ୍କି ଚଲାଇବାର ଯନ୍ତ୍ରଣା ନିଜ ପିତା ହଜରତ ମୁହମ୍ମଦ [ସ.ଅ]ଙ୍କ ନିକଟରେ ପ୍ରକାଶ କରି ଜଣେ ଦାସ ଯୋଗଇ ଦେବାକୁ ଅନୁରୋଧ କରିଥିଲେ । ଏଥିରେ ହଜୁର[ସ.ଅ] ହଜରତ ଅଲୀ ଓ ହଜରତ ଫାତିମାହ୍ [ର.ଅ]ଙ୍କୁ କହିଲେ; ଯେତେବେଳେ ତୁମେ ଶେଜକୁ ଯିବ ସେତେବେଳେ ୩୩ଥର ସୁବ୍‌ହାନଲ୍ଲାହ୍, ୩୩ଥର ଅଲ୍‌ହମ୍‌ଦୁଲିଲ୍ଲାହ୍ ଓ ୩୪ଥର ଅଲ୍ଲାହୁଅକ୍‌ବାର ଆବୃତ୍ତି କର । ଏହା ତୁମମାନଙ୍କ ସକାଶେ ସେବକ ଠାରୁ ଶ୍ରେୟସ୍କର ସାବ୍ୟସ୍ତ ହେବ । ଦେଖ ହଜୁର [ସ.ଅ]ଙ୍କ ସକାଶେ ନିଜ ପ୍ରିୟ ପୁତ୍ରୀ ପାଇଁ ଏକ ଦାସ ଯୋଗଇ ଦେବା କୌଣସି ଅସାଧ୍ୟ କାର୍ଯ୍ୟ ନଥିଲା କିନ୍ତୁ

ଏତଦ୍ ଦ୍ୱାରା ଲୋକମାନେ ଜଣା ନାହିଁ କି ପରିଣାମ ଉଦ୍ଧୃତ କରିଥାନ୍ତେ ଏବଂ ରାଜା ମହାରାଜାମାନେ ତ ଏହାକୁ ନିଜ ପାଇଁ ବୈଧ ମଣି ନେଇଥାନ୍ତେ । **ସୁତରାଂ ବଣ୍ଟନ ଉଦ୍ଦେଶ୍ୟରେ ହଜୁର** ସ.ଅ**ଙ୍କ ନିକଟକୁ ଆସୁଥିବା କ୍ରୀତଦାସ ଓ ଦାସୀଙ୍କ ପ୍ରସଙ୍ଗରେ ଅତି ସତର୍କତା ଅବଲମ୍ବନ କରୁଥିଲେ** ଏବଂ ସେଥି ମଧ୍ୟରୁ ନିଜ ପୁତ୍ରିକୁ କିଛି ହେଲେ ପ୍ରଦାନ କରି ନଥିଲେ ।

ପରିଶେଷରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ବାକି ଘଟଣାବଳୀ ଇନ୍‌ଶାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି । ବର୍ତ୍ତମାନ ମୁଁ ପୁନର୍ବାର ବିଶ୍ୱରେ ଉପୁଜି ଥିବା ଯୁଦ୍ଧର ଉତ୍କଟ ପରିସ୍ଥିତି ସଂକ୍ରାନ୍ତରେ ଦୁଆ କରିବା ପାଇଁ କହିବାକୁ ଚାହୁଁଛି । ଏବେ ତ ପାଶ୍ଚାତ୍ୟ ଦେଶ ଯେପରିକି ଆମେରିକାର କେତେକ ଲିପିକାର ଖବରକାଗଜରେ ନିଜର ଲେଖା ପ୍ରକାଶ କଲେଣି ଯେ, ପ୍ରତିଶୋଧ ନେବାର ମଧ୍ୟ ଏକ ସୀମା ଥାଏ ଏବଂ ହମାସ୍ ଓ ଇସ୍ରାଇଲ୍ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଆମେରିକା ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶମାନଙ୍କୁ ହସ୍ତକ୍ଷେପ କରିବା ଉଚିତ୍ । ଉଭୟ ଦେଶ ମଧ୍ୟରେ ସନ୍ଧି ଓ ଯୁଦ୍ଧରେ ବିରାମ ପକାଇବାକୁ ପ୍ରୟାସ କରିବା ଉଚିତ୍ । କିନ୍ତୁ ଲିପିକାରମାନେ ଲେଖୁଛନ୍ତି କି ମନେ ହେଉଛି ଯେପରି ଏମାନେ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପକାଇବା ପରିବର୍ତ୍ତେ ଯୁଦ୍ଧକୁ ପ୍ରସୟ ଦେଉଛନ୍ତି । ଏହିପରି ଆମେରିକାରେ କାଲି ଖବର ଥିଲା ଯେ, ଏହି ପ୍ରସଙ୍ଗକୁ କେନ୍ଦ୍ର କରି ସେଠାକାର ବୈଦେଶିକ ମନ୍ତ୍ରୀ ନିଜର ଇସ୍ତାଫା ଦେଇଛନ୍ତି କି ଏବେ ତ ପରିସ୍ଥିତି ସୀମାଲଙ୍ଘି ଯାଇଛି । ନିରୀହ ଫିଲିସ୍ତିନ୍ ଜନତା ଉପରେ ଭୀଷଣ ଅନ୍ୟାୟ ଓ ଅତ୍ୟାଚାର ହେଉଛି ଏବଂ ଏଥିପ୍ରତି ଶକ୍ତିଶାଳୀ ଦେଶମାନଙ୍କୁ ଯତ୍ନବାନ ହେବା ଉଚିତ୍ । ତେବେ ସେମାନଙ୍କ ମଧ୍ୟରେ ସଭ୍ୟ ଓ ଭଦ୍ର ବ୍ୟକ୍ତି ଏବେ ମଧ୍ୟ ରହିଛନ୍ତି । ଏହିପରି କେତେକ ସମୟରେ ମିଡ଼ିଆରେ ଖବର ପ୍ରସାରଣ ହେଉଛି ଯେ, କିଛି ୟହୁଦିମାନେ ମଧ୍ୟ ସେମାନଙ୍କ ସପକ୍ଷରେ ଓ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି । ଋଷର ବୈଦେଶିକ ମନ୍ତ୍ରୀ ମଧ୍ୟ ବୟାନ ଦେଇଛନ୍ତି ଯେ, ଯଦି ଉକ୍ତ ଦେଶମାନେ ଏହିପରି ନିଜର ଆଚରଣରେ ଅଟଳ ରୁହନ୍ତି ତେବେ ଏହି ଯୁଦ୍ଧ ସମଗ୍ର ଅଞ୍ଚଳରେ ପରିବ୍ୟାପ୍ତ ହୋଇଯିବ । ବରଂ ମୁଁ ମନେ କରୁଛି ଯେ, ସମ୍ଭବତଃ ସମ୍ପୂର୍ଣ୍ଣ ବିଶ୍ୱରେ ପରିବ୍ୟାପ୍ତ ହୋଇଯିବ । ସୁତରାଂ ନିଜର ବୁଦ୍ଧି ବିବେକ ଖଟାଇ କାର୍ଯ୍ୟ କରନ୍ତୁ, ଏହିପରି ମୁସଲମାନ ଦେଶଗୁଡ଼ିକ ଯେପରିକି ମୁଁ ପୂର୍ବରୁ କହିଥିଲି ଏକ ହୋଇ ଏବଂ ଗୋଟିଏ ସ୍ୱର ହୋଇ କହିବା ଉଚିତ୍ । **ଯଦି ବିଶ୍ୱର ୫୩/୫୪ଗୋଟି ଦେଶ ଗୋଟିଏ ସ୍ୱର ହୋଇ ହୋଇଯାନ୍ତି ତେବେ ସେମାନେ ଏକ ମହାଶକ୍ତି ପାଲଟି ଯିବେ ଏବଂ ଏହାର ପ୍ରଭାବ ମଧ୍ୟ ନିଶ୍ଚୟ ପଡ଼ିବ ।** ନଚେତ୍ ଗୋଟିଏ ଦୁଇଟି ଦେଶର ଚିତ୍କାର କରିବା ଫଳପ୍ରଦ ସାବ୍ୟସ୍ତ ହେବ ନାହିଁ । ସଂସାରରେ ଶାନ୍ତି ପ୍ରତିଷ୍ଠା କରିବା ଏବଂ ଯୁଦ୍ଧରେ ବିରାମ ପକାଇବାର ଏହା ହିଁ ଏକ ମାତ୍ର ପନ୍ଥା । ଅତଃ ମୁସଲମାନ ଦେଶଗୁଡ଼ିକ ବିଶ୍ୱକୁ ଧ୍ୱଂସ ମୂଖରୁ ଉଦ୍ଧାର କରିବାରେ ନିଜର ଭୂମିକା ଗ୍ରହଣ କରିବା ଉଚିତ୍ । ଅଲ୍ଲାଃତାଲା ସେମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ଆମମାନଙ୍କୁ ମଧ୍ୟ ଦୁଆ କରିବାରେ ବିଶେଷ ଧ୍ୟାନ କେନ୍ଦ୍ରିତ କରିବା ଉଚିତ୍ । ଅଲ୍ଲାଃତାଲା ଏହି ଯୁଦ୍ଧକୁ ସମାପ୍ତ କରି ନିରୀହ ଓ ଅତ୍ୟାଚାରିତ ଫିଲିସ୍ତିନ୍‌ବାସୀଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ । ଆଉ ଯେପରି ଅଧିକ ରକ୍ତପାତ ଓ କ୍ଷୟକ୍ଷତି ଆଗକୁ ନହେଉ ଏବଂ ସଂସାରର ପ୍ରତ୍ୟେକ ସ୍ଥାନରୁ ଅନ୍ୟାୟ ଅତ୍ୟାଚାରର ମୂଳୋତ୍ପାଟନ ହେଉ । ଅଲ୍ଲାଃତାଲା ଆମମାନଙ୍କୁ ଦୁଆ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।